**:** ଆମେ ଯଦି ପୁରୀ କଥା ଦେଖିବା ରାତ୍ରୀ ବେଳେ ଶ୍ରଦ୍ଧାଳୁଙ୍କ ସଂଖ୍ୟା କମ୍ ଥାଏ । ପୁରୀ ବାହାରୁ ଆସିଥିବା ପର୍ଯ୍ୟଟକମାନେ ଦର୍ଶନ ସାରି ଫେରିଯିବାକୁ ଚାହାନ୍ତି ସନ୍ଧ୍ୟାସୁଦ୍ଧା । ତେଣୁ ଯେଉଁମାନେ ଅଧିକ ସମୟ ମନ୍ଦିର ରହିବାକୁ ଇଚ୍ଛା ପ୍ରକାଶ କରନ୍ତି ସେମାନେ ରାତ୍ରୀ ସମୟରେ ଯିବା ଉଚିତ୍ । ଜଗନ୍ନାଥଙ୍କୁ ଛାଡ଼ି ଆସିବାକୁ କାହାର ବା ମନ ଚାହିଁବ, କିନ୍ତୁ ଅନ୍ୟମାନଙ୍କୁ ଦର୍ଶନର ସୁଯୋଗ ଦେବା ପାଇଁ ଆମକୁ ମଧ୍ୟ ଏଥିପ୍ରତି ଯତ୍ନବାନ ହେବାକୁ ପଡ଼ିବ ।

ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ | ଭୁବନେଶ୍ୱର | ୧୦ ଫେବୃଆରୀ, ୨୦୨୬ | ମଙ୍ଗଳବାର

ଓଡ଼ିଶା ଏକ୍ସପ୍ରେସ୍

## ଭିଡ଼ ପରିଚାଳନା ସବୁଠୁ ଗୁରୁତ୍ୱପୂର୍ଣ୍ଣ

ଏଇ କିଛିବର୍ଷ ହେଲା ଧର୍ମ ପର୍ଯ୍ୟଟନ ଖୁବ୍ ବଢ଼ିଛି ଆମ ରାଜ୍ୟରେ । ବିଶେଷ କରି ଆମେ ଯଦି ଶ୍ରୀକ୍ଷେତ୍ର ପୁରୀ କଥା ଦେଖିବା ପ୍ରତିବର୍ଷ ଶ୍ରଦ୍ଧାଳୁଙ୍କ ସଂଖ୍ୟା ବଢୁଛି । ବିଗତ ତିନିବର୍ଷ ଭିତରେ ଦେଢ଼ଗୁଣା ବଢ଼ିଛି ପର୍ଯ୍ୟଟକଙ୍କ ସଂଖ୍ୟା । ଦର୍ଶନ ପାଇଁ ଲମ୍ବା ଧାଡ଼ିରେ ଘଣ୍ଟା ଘଣ୍ଟା ଅପେକ୍ଷା କରିବାକୁ ପଡୁଛି । ଆଗକୁ ଗ୍ରୀଷ୍ମଋତୁ ଆସିଲେ ଅବସ୍ଥା କ'ଣ ହେବ ଏବେଠୁ ବେଶ୍ ଅନୁମାନ କରିହେଉଛି ।

ଜଗନ୍ନାଥ ଦର୍ଶନ ଉଦ୍ଦେଶ୍ୟରେ ବେଶିଭାଗ ପର୍ଯ୍ୟଟକ ପୁରୀ ଆସିଥାନ୍ତି । ସେମାନଙ୍କ ମୂଳ ଉଦ୍ଦେଶ୍ୟ ଥାଏ ଜଗନ୍ନାଥ ଦର୍ଶନ ଓ ତା'ପରେ ବୁଲାବୁଲି । ପୁରୀ ଆସୁଥିବା ପର୍ଯ୍ୟଟକମାନେ କୋଣାର୍କ ଏବଂ ସାତପଡ଼ାର ସୌନ୍ଦର୍ଯ୍ୟ ମଧ୍ୟ ଉପଭୋଗ କରିବାକୁ ଚାହାନ୍ତି । ଦୁର୍ଗାପୂଜା ପରେ ପରେ ଅର୍ଥାତ୍ କାର୍ତ୍ତିକ ମାସଠାରୁ ଫାଲଗୁନ ମାସ ଯାଏଁ ପୁରୀକୁ ଶ୍ରଦ୍ଧାଳୁଙ୍କ ସୁଅ ଛୁଟୁଥିବାର ଦେଖିବାକୁ ମିଳୁଥିଲା । ଏବେ ବର୍ଷସାରା ଭିଡ଼ । ଚାରିଧାମ ଭିତରୁ ପୁରୀ ଏକ ବିଶେଷ ଧାମ ହୋଇଥିବାରୁ ଧର୍ମବିଶ୍ୱାସୀମାନେ ପୁରୀ ଭ୍ରମଣରେ ଆସିବାକୁ ଚାହିଁଥାନ୍ତି । କିନ୍ତୁ ଦେଖାଯାଉଛି ଆମ ପ୍ରଶାସନ ଅଧିକ ଭିଡ଼ ପରିଚାଳନା କ୍ଷେତ୍ରରେ ସେତେଟା ଦକ୍ଷତା ହାସଲ କରିପାରିନାହାନ୍ତି ।

ବିଗତ ରଥଯାତ୍ରାରେ ଭିଡ଼ ପରିଚାଳନାର ତ୍ରୁଟି ପାଇଁ ଦଳାଚକଟାରେ ଦୁଇଜଣ ପ୍ରାଣ ହରାଇବା ସହିତ ଅନେକେ ଆହତ ହୋଇଥିଲେ । ଏଆଇ ପ୍ରଯୁକ୍ତିର ସାହାଯ୍ୟ ନେବା ପରେ ମଧ୍ୟ ଅଘଟଣକୁ ରୋକାଯାଇପାରିନଥିଲା । ଆଗାମୀ ଦିନରେ ବର୍ଦ୍ଧିତ ଭିଡ଼କୁ କିଭଳି ପରିଚାଳନା କରାଯାଇପାରିବ ସେଇଟା ହିଁ ମୂଳ ପ୍ରଶ୍ନ ।

ନୂଆ ସରକାର ଶାସନଭାର ଗ୍ରହଣ କରିବାର ପ୍ରଥମ ଦିନରେ ଶ୍ରୀମନ୍ଦିରର ଚାରିଦ୍ୱାର ଖୋଲି ଦେଇଥିଲେ । ଏହା ଯେ ଭିଡ଼ ପରିଚାଳନାକୁ ସୁଗମ କରିପାରିଛି ଏକଥା କହିବା ଭୁଲ୍ ହେବ । ଶ୍ରୀମନ୍ଦିର ଭିତରକୁ ଯେତିକି ଶ୍ରଦ୍ଧାଳୁ ପ୍ରବେଶ କରିବେ ସେତିକି ସଂଖ୍ୟକ ଶ୍ରଦ୍ଧାଳୁ ଯଦି ଦର୍ଶନ ସାରି ବାହାରକୁ ନ ଆସିବେ ତା'ହେଲେ ତ ମନ୍ଦିର ଭିତରେ ଏବଂ ବାହାରେ ଭିଡ଼ ଲାଗି ରହିବ । ତେଣୁ ପ୍ରବେଶ କରୁଥିବା ଭକ୍ତଙ୍କ ସହିତ ପ୍ରସ୍ଥାନ କରୁଥିବା ଭକ୍ତଙ୍କ ସଂଖ୍ୟାର ସମାନତା ନରହିଲେ ଭିଡ଼ ଆୟତ୍ତ କରିବା ସମ୍ଭବ ହେବନି କେବେବି । ତେଣୁ ଗୋଟେ ପ୍ରବେଶ ପଥରେ ପ୍ରବେଶ ଏବଂ ଦୁଇ କିମ୍ବା ତିନି ପ୍ରସ୍ଥାନ ପଥରେ ପ୍ରସ୍ଥାନ କରିବାର ବ୍ୟବସ୍ଥା କରାଗଲେ ହିଁ ଭିଡ଼କୁ ନିୟନ୍ତ୍ରଣ କରାଯାଇପାରିବ ବୋଲି ଆଶା ।

ଆଉ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଉଛି ଯେଉଁମାନେ ଶ୍ରୀମନ୍ଦିର ଭିତରକୁ ପ୍ରବେଶ କରିବେ ସେମାନେ କେତେଶୀଘ୍ର ଦର୍ଶନ ସାରି ବାହାରିବେ ତାକୁ ମଧ୍ୟ ଗୁରୁତ୍ୱ ଦେବା ସରକାର । ସିରିଡ଼ି ସାଇ, ତିରୁପତି ଏବଂ ବୈଷ୍ଣୋଦେବୀ ମନ୍ଦିର ଭିତରେ ଶ୍ରଦ୍ଧାଳୁଙ୍କୁ ବେଶି ସମୟ ରହିବାର ସୁଯୋଗ ଦିଆଯାଏ ନାହିଁ, ତେଣୁ ସେଠି ଭିଡ଼ ପରିଚାଳନା ଅଣାୟତ୍ତ ହୁଏନାହିଁ ।

ଆମେ ଯଦି ପୁରୀ କଥା ଦେଖିବା ରାତ୍ରୀ ବେଳେ ଶ୍ରଦ୍ଧାଳୁଙ୍କ ସଂଖ୍ୟା କମ୍ ଥାଏ । ପୁରୀ ବାହାରୁ ଆସିଥିବା ପର୍ଯ୍ୟଟକମାନେ ଦର୍ଶନ ସାରି ଫେରିଯିବାକୁ ଚାହାନ୍ତି ସନ୍ଧ୍ୟାସୁଦ୍ଧା । ତେଣୁ ଯେଉଁମାନେ ଅଧିକ ସମୟ ମନ୍ଦିର ରହିବାକୁ ଇଚ୍ଛା ପ୍ରକାଶ କରନ୍ତି ସେମାନେ ରାତ୍ରୀ ସମୟରେ ଯିବା ଉଚିତ୍ । ଜଗନ୍ନାଥଙ୍କୁ ଛାଡ଼ି ଆସିବାକୁ କାହାର ବା ମନ ଚାହିଁବ, କିନ୍ତୁ ଅନ୍ୟମାନଙ୍କୁ ଦର୍ଶନର ସୁଯୋଗ ଦେବା ପାଇଁ ଆମକୁ ମଧ୍ୟ ଏଥିପ୍ରତି ଯତ୍ନବାନ ହେବାକୁ ପଡ଼ିବ ।

୨୦୨୨ ମସିହାରେ ୧କୋଟି ୪୭ ଲକ୍ଷ ୪୭ ହଜାର ୩୭୦ ପର୍ଯ୍ୟଟକଙ୍କ ଆଗମନ ହୋଇଥିଲା । ୨୦୨୪ରେ ଏହା ୨ କୋଟି ୪୩ ଲକ୍ଷ ୧୪ ହଜାର ୪୨୫କୁ ବୃଦ୍ଧି ପାଇଛି । ଅର୍ଥାତ୍ ମାତ୍ର ଦୁଇବର୍ଷ ବ୍ୟବଧାନରେ ଅଧିକ ୯୫ ଲକ୍ଷ ୭୨ହଜାର ୧୯୭ ପର୍ଯ୍ୟଟକଙ୍କ ଆଗମନ ବୃଦ୍ଧି ପାଇଛି । ତେଣୁ ଏଇ ହାରରେ ଯଦି ବୃଦ୍ଧି ପାଇ ଚାଲିବ ତା'ହେଲେ ଆଗକୁ ଅବସ୍ଥା ଅସମ୍ଭାଳ ହୋଇପାରେ ।

ପର୍ଯ୍ୟଟକଙ୍କ ଆଗମନ ଓଡ଼ିଶାର ଆର୍ଥିକ ମାନଦଣ୍ଡ ବୃଦ୍ଧିରେ ସହାୟକ ହେଉଛି ସତ କିନ୍ତୁ ପର୍ଯ୍ୟଟକଙ୍କ ପାଇଁ ଭିତ୍ତିଭୂମିର ବିକାଶ ସେଇ ତାଳରେ କରାଯାଉ ନାହିଁ ବୋଲି ମନେହୁଏ ।

# ଅକର୍ମା ଭୂମି ନିନ୍ଦନ୍ତି...



## ତୁଷମ୍ ଇବ ମନ୍ଥନମ୍-ଚକ୍ଷୁକୁଟା କାମ

ତୁଷାରକାନ୍ତ

(ଏହି ପ୍ରବନ୍ଧଟି, ଏହି ଦୈନିକ ସମ୍ବାଦପତ୍ରର ତା୩.୨.୨୦୨୬ରିଖର ସଂସ୍କରଣରେ ପ୍ରକାଶିତ 'ଅସ୍ତ୍ରବିଦ୍ୟା ଭୟଙ୍କରି' ପ୍ରବନ୍ଧର ଦ୍ୱିତୀୟ ଭାଗରୂପେ ପଢ଼ିବାକୁ ଅନୁରୋଧ ।)

ଅକର୍ମା ଭୂମି ନିନ୍ଦନ୍ତି, ଜଳ ନିନ୍ଦନ୍ତି ରୋଗିଣା, ବେଶ୍ୟାଶ୍ଚ ପୁତ୍ର ନିନ୍ଦନ୍ତି, ଚୌରଃ ନିନ୍ଦତି ଚନ୍ଦ୍ରମା ।

ଏହି ଶ୍ଳୋକଟିରେ ମଣିଷର ସ୍ୱଭାବଗତ ଦୋଷାରୋପ ପ୍ରକ୍ରିୟାକୁ ଅତି ସୁନ୍ଦର ଭାବେ ବର୍ଣ୍ଣନା କରାଯାଇଛି, ଯଥା–

୧. **ଅକର୍ମା ଭୂମି ନିନ୍ଦନ୍ତି** : ଯେଉଁ ବ୍ୟକ୍ତି ଅଳସୁଆ ଏବଂ କର୍ମ କରିବାକୁ ଚାହେଁ ନାହିଁ, ସେ ନିଜର ଅସଫଳତା ପାଇଁ ସବୁବେଳେ ଜମି କିମ୍ବା ପରିସ୍ଥିତିକୁ ନିନ୍ଦା କରେ (ଯଥା: ମାଟି ଭଲ ନୁହେଁ କିମ୍ବା ସୁଯୋଗ ମିଳିଲାନି) ।

୨. **ଜଳ ନିନ୍ଦନ୍ତି ରୋଗିଣା**: ଜଣେ ଦୀର୍ଘଦିନର ରୋଗୀ ନିଜର କଷ୍ଟ ସହି ନପାରି ନିଜର ଜୀବନକୁ ବା ପରିବେଶକୁ (ଜଳ/ଖାଦ୍ୟ) ନିନ୍ଦା କରେ ।

୩. **ବେଶ୍ୟାଶ୍ଚ ପୁତ୍ର ନିନ୍ଦନ୍ତି**: କନ୍ୟା ସନ୍ତାନ ସେହି ବ୍ୟବସାୟରେ ରହି ରୋଜଗାର କରିଥାଏ । ତେଣୁ ବେଶ୍ୟାମାନେ ପୁତ୍ର ସନ୍ତାନ ଚାହାଁନ୍ତି ନାହିଁ ।

୪. **ଚୌରଃ ନିନ୍ଦତି ଚନ୍ଦ୍ରମା**: ଚୋର ଚନ୍ଦ୍ରକୁ ନିନ୍ଦା କରେ କାରଣ ଚନ୍ଦ୍ରାଲୋକରେ ତା'ର ଚୋରି ଧରାପଡ଼ିଯିବାର ଭୟ ଥାଏ ।

ଏହାକୁ ଅନେକ ସମୟରେ ଚାଣକ୍ୟ ନୀତି କିମ୍ବା ବିଦୁର ନୀତିର ଭାବ ସହ ସମାନ ବୋଲି ଧରାଯାଏ, କିନ୍ତୁ ଏହାର ଓଡ଼ିଆ ରୂପ 'ଅକର୍ମା ଭୂମି ନିନ୍ଦନ୍ତି...' ଓଡ଼ିଶାର ଗାଁଗହଳିରେ ପ୍ରାୟ ପ୍ରତ୍ୟେକ ଶିକ୍ଷିତ ଓ ଅଶିକ୍ଷିତ ଲୋକଙ୍କ ମୁହଁରେ ଶୁଣିବାକୁ ମିଳେ । ଏହା ଆମକୁ ଶିକ୍ଷା ଦିଏ ଯେ 'ନିଜର ଅକ୍ଷମତାକୁ ଲୁଚାଇବା ପାଇଁ ବାହ୍ୟ ବସ୍ତୁକୁ ଦୋଷ ଦେବା ଅନୁଚିତ ।'

ତେବେ, ଯେଉଁ ବ୍ରିଟିଶ ଶାସନ ପୃଥିବୀର ଅନେକ ସ୍ଥାନରେ ପରିବ୍ୟାପ୍ତ ଥିବାରୁ ଏହା ବାବଦରେ କୁହାଯାଉଥିଲା ଯେ, 'ବ୍ରିଟିଶ ଶାସନରେ ସୂର୍ଯ୍ୟାସ୍ତ ହୁଏନାହିଁ', ସେହି ଶାସନକୁ ନିରୋଳା ଅହିଂସା ଉପାୟରେ ଯିଏ ଭାରତ ଭଳି ବିଶାଳ ଭୂଖଣ୍ଡରୁ ତଡିଥିଲେ, ସେହି ମହାତ୍ମା ଗାନ୍ଧୀଙ୍କ ଉଦ୍ଦେଶ୍ୟରେ ଅହୋରାତ୍ର ଅପବାଦ, ନିନ୍ଦା ପ୍ରଚାର କରୁଥିବାମାନଙ୍କ ବାବଦରେ କ'ଣ ଅବା କୁହାଯିବା ଉଚିତ?

ମାନବ ସଭ୍ୟତାର ସୁରକ୍ଷାପାଇଁ ସେ ଚାରୋଟି ସୁରକ୍ଷା କବଚ ବିବତେଇଥିଲେ, ସେଗୁଡିକ ହେଉଛି– (୧) ପ୍ରକୃତି ସମସ୍ତଙ୍କର ଚଳିବାପାଇଁ ଯଥେଷ୍ଟ ଦେଇଛି କିନ୍ତୁ ଲୋଭର ପରିପୂରଣ ପାଇଁ ନୁହେଁ, (୨) ଯେ କୌଣସି ଯୋଜନାଟିଏ ଆରମ୍ଭ କଲାବେଳେ ମନେ ରଖିଥିବେ ଯେ, 'ଏହାଦ୍ୱାରା ସମାଜର ସବୁଠାରୁ ତଳେଥିବା ବ୍ୟକ୍ତିଟି କେତେ ମାତ୍ରାରେ ଉପକୃତ ହେଉଛନ୍ତି', (୩) ଯେଉଁମାନେ ଆପଣଙ୍କ ପାଖକୁ ଯେ କୌଣସି କାମରେ ଆସନ୍ତି, 'ସେମାନେ ଆପଣମାନଙ୍କ କାମରେ ବାଧା ସୃଷ୍ଟି କରନ୍ତି ନାହିଁ, ଆପଣମାନଙ୍କ ନିଯୁକ୍ତି ସେହିମାନଙ୍କ ପାଇଁ ।' (୪) ସମଗ୍ର ସମ୍ପତ୍ତିର ନ୍ୟାସୀକରଣ ମହାତ୍ମା ଗାନ୍ଧୀଙ୍କ ନ୍ୟାସତତ୍ତ୍ୱ (Trusteeship) ହେଉଛି ଏକ ସାମାଜିକ-ଅର୍ଥନୈତିକ ଅବଧାରଣା, ଯାହା ସମ୍ପତ୍ତିର ମାଲିକାନା ଏବଂ ଏହାର ବ୍ୟବହାର ଉପରେ ଏକ ନୂତନ ଦୃଷ୍ଟିକୋଣ ପ୍ରଦାନ କରେଛେ ଏହାର ସାରାଂଶ ହେଉଛି – (କ)ମୂଳ ନୀତି: ମାଲିକ ନୁହେଁ, ରକ୍ଷକ, ଗାନ୍ଧୀଜୀଙ୍କ ଅନୁସାରେ, ଜଣେ ବ୍ୟକ୍ତି ନିଜର ବୁଦ୍ଧି କିମ୍ବା ପରିଶ୍ରମ ବଳରେ ଯେଉଁ ସମ୍ପତ୍ତି ଅର୍ଜନ କରେ, ସେ ସେହି ସମ୍ପତ୍ତିର ମାଲିକ ନୁହେଁ, ବରଂ ଜଣେ ନ୍ୟାସୀ (Trustee) ବା ରକ୍ଷକ । ସେ ବିଶ୍ୱାସ କରୁଥିଲେ ଯେ ସମସ୍ତ ସମ୍ପତ୍ତିର ପ୍ରକୃତ ମାଲିକ ହେଉଛନ୍ତି ଈଶ୍ୱର ଏବଂ ସମାଜ । (ଖ) ସମ୍ପତ୍ତିର ସୀମିତ ବ୍ୟବହାର, ଜଣେ ବ୍ୟକ୍ତି ସେହି ସମ୍ପତ୍ତିରୁ କେବଳ ନିଜର ଗୁଜରାଣ ମେଣ୍ଟାଇବା ପାଇଁ ଆବଶ୍ୟକ ଅଂଶ ଗ୍ରହଣ କରିବା ଉଚିତ୍ । ନିଜର ସର୍ବନିମ୍ନ ଆବଶ୍ୟକତା ପୂରଣ ହେବା ପରେ ବାକି ଉଦ୍‌ବୃତ୍ତ ସମ୍ପତ୍ତିକୁ ସମାଜର ମଙ୍ଗଳ ପାଇଁ ଖର୍ଚ୍ଚ କରିବା ଏହି ତତ୍ତ୍ୱ ର ମୁଖ୍ୟ ଉଦ୍ଦେଶ୍ୟ । (ଗ) ଅହିଂସାତ୍ମକ ସମାଜବାଦ, ଏହା ଧନୀ ଏବଂ ଗରିବ ମଧ୍ୟରେ ଥିବା ପାର୍ଥକ୍ୟକୁ ଦୂର କରିବା ପାଇଁ ଏକ ଅହିଂସାତ୍ମକ ମାର୍ଗ । ଗାନ୍ଧୀଜୀ ଚାହୁଁ ନଥିଲେ ଯେ ସରକାର ଜୋରଜବରଦସ୍ତି ଧନୀଙ୍କଠାରୁ ସମ୍ପତ୍ତି ଛଡ଼ାଇ ନିଅନ୍ତୁ । ବରଂ ସେ ଚାହୁଁଥିଲେ ଯେ ଧନୀମାନେ ନିଜ ହୃଦୟ ପରିବର୍ତ୍ତନ କରି ସ୍ୱେଚ୍ଛାକୃତ ଭାବେ ସମାଜର ଦରିଦ୍ର ଶ୍ରେଣୀର ହିତ ପାଇଁ ନିଜର ସମ୍ପତ୍ତିକୁ ଉତ୍ସର୍ଗ କରନ୍ତୁ, (ଙ) ସାରାଂଶର ମୁଖ୍ୟ ବିନ୍ଦୁ, (୧) ସମାନତା: ଏହା ଅର୍ଥନୈତିକ ଅସମାନତା ଦୂର କରିବାକୁ ଚାହେ । ସାମାଜିକ ଦାୟିତ୍ୱ:– ବ୍ୟବସାୟ ଓ ଶିଳ୍ପପତିମାନେ କେବଳ ଲାଭ କରିବା ପାଇଁ ନୁହେଁ, ବରଂ ସମାଜ ସେବା ପାଇଁ କାର୍ଯ୍ୟ କରିବା ଉଚିତ୍ ।

(୨)ଅପରିଗ୍ରହ: ଆବଶ୍ୟକତା ଠାରୁ ଅଧିକ ସଞ୍ଚୟ ନ କରିବା (Non-possession) ।

(୩) ଏକ ସରଳ ଉଦାହରଣ: ଯେପରି ଜଣେ ବାପା ତାଙ୍କ ପରିବାରର ସମ୍ପତ୍ତିକୁ ନିଜର ବୋଲି ନ ଭାବି ପିଲାମାନଙ୍କ ଭବିଷ୍ୟତ ପାଇଁ ରକ୍ଷକ ସାଜି ସାଇତି ରଖନ୍ତି, ଧନୀ ଲୋକମାନେ ସମାଜ ପାଇଁ ସେହିଭଳି ରକ୍ଷକ ହେବା ଉଚିତ ।

ଅଥଚ, ଏଗୁଡିକର ବିରୋଧାଚରଣ କରି ଯେଉଁମାନେ ପୃଥିବୀକୁ ଧ୍ୱଂସମୁଖକୁ ଟାଣିନେବା ସହିତ ସେହି ମହାତ୍ମାଙ୍କର କୁତ୍ସା ରଚନା କରିବା ଦିଗରେ ଶତତ ଚେଷ୍ଟିତ, ସେହି ନିର୍ବୋଧମାନଙ୍କ ପ୍ରତି ଯିଶୁଖ୍ରୀଷ୍ଟଙ୍କ ବାଣୀ 'ହେ ପ୍ରଭୁ, ସେମାନଙ୍କୁ କ୍ଷମା କରିଦିଅନ୍ତୁ ଯେହେତୁ ସେମାନେ କ'ଣ କରୁଛନ୍ତି ଜାଣନ୍ତି ନାହିଁ' ହିଁ ଯଥେଷ୍ଟ । ଗତ ତା୩୦.୧.୨୦୨୬ ରିଖର ଗାନ୍ଧୀଙ୍କ ପୁଣ୍ୟତିଥି ପାଳନ ଅବସରରେ, ତା୩୧.୧.୨୦୨୬ରିଖର The Indian Express ନାମକ ଇଂରାଜୀ ଭାଷାର ଦୈନିକ ସମ୍ବାଦପତ୍ରରେ 'Gandhi Prayer matrers more than ever' ଶୀର୍ଷକ ଲେଖାଟିଏ ପ୍ରକାଶିତ ହୋଇଥିଲା । 'Ahimsa Conversations' ନାମକ ଗୋଟିଏ You TUBE Channelର ପ୍ରତିଷ୍ଠାତ୍ରୀ ଶ୍ରୀମତୀ ରଜନୀ ବକ୍ସିଙ୍କ ଦ୍ୱାରା ଲିଖିତ ଏହି ଲେଖାଟିର ଓଡ଼ିଆ ଭାଷାରେ ଅନୁବାଦିତ ସାରାଂଶ ହେଉଛି, (ଆରମ୍ଭ) '୧୯୪୮ ମସିହା ଜାନୁଆରୀ ୩୦ ତାରିଖ ସକାଳେ, ଜଣେ ଆମେରିକୀୟ ସାମ୍ବାଦିକା ତଥା ଫଟୋଗ୍ରାଫର ମହାତ୍ମା ଗାନ୍ଧୀଙ୍କ ସାକ୍ଷାତକାର ନେବାକୁ ଆସିଥିଲେ । ମାର୍ଗାରେଟ୍ ବୋର୍ଡ-ହ୍ୱାଇଟ୍ ତାଙ୍କୁ ପଚାରିଥିଲେ, 'ପରମାଣୁ ବୋମା ଆବିଷ୍କାର ପରେ, ଅହିଂସା କ'ଣ ଏବେ ଅପ୍ରାସଙ୍ଗିକ ହୋଇଯାଇ ନାହିଁ?' ଏହାର ଉତ୍ତରରେ ଗାନ୍ଧୀ କହିଥିଲେ, 'ଠିକ୍ ଓଲଟା, ଅହିଂସା ହିଁ ଏବେ ଏହି କ୍ଷେତ୍ରରେ ଏକମାତ୍ର ବିକଳ୍ପ ଭାବେ ବାକି ରହିଛି ।' ବୋର୍ଡ-ହ୍ୱାଇଟ୍ ଗାନ୍ଧୀଙ୍କୁ ପୁନଶ୍ଚ ପଚାରିଥିଲେ ଯେ 'ଯଦି ଗୋଟିଏ ପରମାଣୁ ବୋମା ତାଙ୍କ ଉପରେ ପଡ଼ିବାକୁ ଯାଉଥାଏ, ତେବେ ସେ କ'ଣ କରିବେ?' ଗାନ୍ଧୀ ଏହାର ଉତ୍ତର ଦେଇଥିଲେ ଯେ 'ସେ ନିଶ୍ଚିତ ଭାବେ କୌଣସି ବୋମାରୁ ରକ୍ଷା ଆଶ୍ରୟସ୍ଥଳୀ (shelter) ଆଡକୁ ଦୌଡ଼ିବେ ନାହିଁ – ବରଂ ସେ ବାହାରକୁ ଯାଇ ଆକାଶକୁ ଚାହିଁବେ ଏବଂ ସେହି ବିମାନର ପାଇଲଟ୍‌ଙ୍କ ଆତ୍ମା ପାଇଁ ପ୍ରାର୍ଥନା କରିବେ ।'

ଏହି କାହାଣୀ କିଛି ଲୋକଙ୍କୁ ବିରକ୍ତ କରିଥାଏ । ଏକ ପକ୍ଷ ଏହାକୁ ପ୍ରମାଣ ଭାବରେ ଗ୍ରହଣ କରନ୍ତି ଯେ 'ଗାନ୍ଧୀ ଅହିଂସାକୁ ଅତି ଚରମ ସୀମାରେ ରଖି ଏହାକୁ ସାଧାରଣରେ ଅପହଞ୍ଚ କରିଦେଇଛନ୍ତି ।' ଶୁଦ୍ଧ ବସ୍ତୁବାଦୀମାନଙ୍କ' ପାଇଁ ଏହା ହାସ୍ୟାସ୍ପଦ, କାରଣ ସେମାନେ ପ୍ରାର୍ଥନାର ଜଗତ ବିଷୟରେ ଜାଣନ୍ତି ନାହିଁ ବା ସେଠାରେ ପହଞ୍ଚିପାରନ୍ତି ନାହିଁ । ଯଦି ଆପଣ ବସ୍ତୁବାଦୀମାନଙ୍କ ପ୍ରତି ସହାନୁଭୂତିଶୀଳ, ତେବେ ୩୦ ଜାନୁଆରୀ ୧୯୪୮ର ଘଟଣାଗୁଡ଼ିକୁ ଆପଣଙ୍କ ସପକ୍ଷରେ ଏକ ନିର୍ଣ୍ଣାୟକ ପ୍ରମାଣ ଭାବରେ ଦାବି କରାଯାଇପାରେ । ନଥୁରାମ ଗଡସେ ଅତି ନିକଟରୁ ପିସ୍ତଲ ଚଲାଇଲେ ଏବଂ ଗାନ୍ଧୀଙ୍କର ମୃତ୍ୟୁହେଲା । ସେମାନେ କହିପାରନ୍ତି ଯେ ମୃତ୍ୟୁ ପୂର୍ବରୁ ଗାନ୍ଧୀ 'ହେ ରାମ' କହିବାରେ କ'ଣ ପାର୍ଥକ୍ୟ ପଡ଼ିଲା? ଆମର ଏହି ଯୁଗପୁରୁଷ ଦୂରଦ୍ରଷ୍ଟାଙ୍କ ଆନୁଷ୍ଠାନିକ ସ୍ମୃତିସ୍ତମ୍ଭରେ ସେହି ଶବ୍ଦଗୁଡ଼ିକ ଖୋଦିତ ହୋଇଛି । ଆମର ପୂର୍ବପୁରୁଷମାନେ, ଯେଉଁମାନେ ଏହି ଶିଳାଲେଖକୁ ସୁନିଶ୍ଚିତ କରିଥିଲେ, ସେମାନେ ବୋର୍ଡ-ହ୍ୱାଇଟ୍‌ଙ୍କୁ ଦେଇଥିବା ଗାନ୍ଧୀଜୀଙ୍କ ଉତ୍ତରରେ ବିରକ୍ତ ହୋଇନଥିଲେ ।

ଏବେ ଏହାର ମହତ୍ତ୍ୱ କ'ଣ? ଏହି ଶିଳାଲେଖ ଆମଠାରୁ ପ୍ରଥମ ଦାବି କରେ ଯେ ଆମେ 'ମେରେ ରାମ (ମୋର ରାମ)' କିମ୍ବା 'ତେରେ ରାମ (ତୁମର ରାମ)' ବିବାଦରୁ ଊର୍ଦ୍ଧ୍ୱକୁ ଉଠିବା । ହଁ, ତୁଳସୀଦାସଙ୍କ 'ସିୟାବର ରାମଚନ୍ଦ୍ର'କୁ ଏକ ପକ୍ଷପାତମୂଳକ ରାଜନୀତିର ହତିଆର ଭାବରେ ଗ୍ରହଣ କରାଯାଇଛି । ତଥାପି ଏହା ସେହି ଆତ୍ମା ବା 'ଭାବ'କୁ ବଦଳାଇ ପାରିବ ନାହିଁ, ଯାହା ଗାନ୍ଧୀଙ୍କ ଶେଷନିଶ୍ୱାସରେ ଥିଲା ।

ଦ୍ୱିତୀୟ ଆହ୍ୱାନ ହେଉଛି ସେହି ଗଭୀର ଜୀବନ୍ତ ଅନୁଭୂତିକୁ ମନେ ପକାଇବା ଯାହା ଗାନ୍ଧୀ ଅନୁପ୍ରାଣିତ କରିଥିଲେ । ଏହି କାରଣରୁ ହିଁ ଲକ୍ଷ ଲୋକ ଗାନ୍ଧୀଙ୍କ 'ପାଇଲଟ୍‌ଙ୍କ ପାଇଁ ପ୍ରାର୍ଥନା କରିବା' କଥାରେ ଆଦୌ ଆଶ୍ଚର୍ଯ୍ୟ ହୋଇନଥାନ୍ତେ । ଏହି ସେହି ଲକ୍ଷ ଲକ୍ଷ ଲୋକ ଥିଲେ ଯେଉଁମାନେ ସେହି ରାତିରେ ଖାଇନଥିଲେ– କାରଣ ଗଭୀର ବ୍ୟକ୍ତିଗତ କ୍ଷତି ସମୟରେ ଏମିତି ହିଁ ହୋଇଥାଏ । ଏହି ଘଟଣାର ସବୁଠାରୁ ମର୍ମସ୍ପର୍ଶୀ ଅଭିବ୍ୟକ୍ତି ମଧ୍ୟରୁ ଗୋଟିଏ ଆମେରିକୀୟ ସାମ୍ବାଦିକ ଭିନ୍ସେଣ୍ଟ ଶିଆନଙ୍କ ଦ୍ୱାରା ଲିପିବଦ୍ଧ ହୋଇଥିଲା । ସେ ସେହି ଟ୍ରେନ୍‌ରେ ଯାତ୍ରା କରିଥିଲେ ଯେଉଁଥିରେ ଗାନ୍ଧୀଜୀଙ୍କ ଭସ୍ମକୁ ସଙ୍ଗମରେ ବିସର୍ଜନ ପାଇଁ ଆଲ୍ଲାହାବାଦ ନିଆଯାଉଥିଲା । ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ପାଇଁ ପ୍ରତିଟି ଷ୍ଟେସନରେ ଭିଡ଼ ଜମିବା କୌଣସି ଆଶ୍ଚର୍ଯ୍ୟର କଥା ନଥିଲା । କିନ୍ତୁ ଯେଉଁ କଥା ଶିଆନଙ୍କୁ ଆଶ୍ଚର୍ଯ୍ୟ କରିଥିଲା, ତାହା ହେଉଛି ଷ୍ଟେସନଗୁଡ଼ିକ ମଧ୍ୟରେ ଥିବା ଖାଲି ସ୍ଥାନରେ ମଧ୍ୟ ଲୋକମାନେ ରେଳ ଧାରଣା କଡ଼ରେ ହାତ ଯୋଡ଼ି ପ୍ରାର୍ଥନା ସହ ଅପେକ୍ଷା କରିଥିଲେ ।

ଆଜି ଆମେ କରିପାରୁଥିବା ସବୁଠାରୁ ସହଜ ଏବଂ ପରାଜୟବାଦୀ କାମ ହେଉଛି ଏହି ସବୁକୁ ଅନ୍ୟ ଏକ ସମୟର ମୁହୂର୍ତ୍ତ ଭାବରେ ଦେଖିବା । ଏଥିରେ ନତି ସ୍ୱୀକାର କରିବା ଆତ୍ମଘାତୀ ହେବ ।

ଶିଆନ ଲିପିବଦ୍ଧ କରିଥିଲେ ଯେ 'ଯେତେବେଳେ ଗାନ୍ଧୀଜୀଙ୍କ ଭସ୍ମ ନେଇ ଯାଉଥିବା ଶୋଭାଯାତ୍ରା ଷ୍ଟେସନରୁ ସଙ୍ଗମ ଆଡକୁ ଯାଉଥିଲା, ଏହା ଏକ ଚର୍ଚ୍ଚ ଦେଇ ଗତି କରିଥିଲା । ସେଥିରୁ ଗାନ୍ଧୀଜୀଙ୍କ ପ୍ରିୟ ଭଜନ 'ଲିଡ୍, କାଇଣ୍ଡଲି ଲାଇଟ୍ (Lead, Kindly Light)'ର ସ୍ୱର ଭାସି ଆସୁଥିଲା । ପାଇଲଟଙ୍କ ପାଇଁ ପ୍ରାର୍ଥନା କରିବାକୁ ଆମେ ଯଥେଷ୍ଟ ବିକଶିତ ହୋଇଥାଉ ବା ନଥାଉ, ଆମ ଭିତରୁ ପ୍ରତ୍ୟେକ ବ୍ୟକ୍ତି ସେହି 'କରୁଣାମୟ ଆଲୋକ (Kindly Light)' ଦ୍ୱାରା ପରିଚାଳିତ ହେବା ପାଇଁ ଚେଷ୍ଟା କରିପାରିବା । (Lead, Kindly Light)ର ସ୍ୱର ଭାସି ଆସୁଥିଲା ।

ପାଇଲଟଙ୍କ ପାଇଁ ପ୍ରାର୍ଥନା କରିବାକୁ ଆମେ ଯଥେଷ୍ଟ ଯୋଗ୍ୟ ହୋଇଥାଉ ବା ନଥାଉ, ଆମ ଭିତରୁ ପ୍ରତ୍ୟେକ ବ୍ୟକ୍ତି ସେହି 'କରୁଣାମୟ ଆଲୋକ (Kindly Light)' ଦ୍ୱାରା ପରିଚାଳିତ ହେବା ପାଇଁ ଚେଷ୍ଟା କରିବା ଉଚିତ ।' (ତାଙ୍କ ଲେଖା ସମାପ୍ତ)

'ଚରଖା ଏବଂ ଲଙ୍କାସାୟର-ଏକ ଐତିହାସିକ ତୁଳନା': ମହାତ୍ମା ଗାନ୍ଧିଙ୍କ ଚରଖା ଏବଂ ବ୍ରିଟେନର ଲଙ୍କାସାୟର କପଡ଼ା କଳ ମଧ୍ୟରେ ତୁଳନା କେବଳ ଦୁଇଟି ଯନ୍ତ୍ରର ତୁଳନା ନୁହେଁ ବରଂ ଏହା ଦୁଇଟି ଭିନ୍ନ ବିଚାରଧାରା– ଗ୍ରାମୀଣ ଆତ୍ମନିର୍ଭରଶୀଳତା ବନାମ ସାମ୍ରାଜ୍ୟବାଦୀ ଶିଳ୍ପାୟନର ସଂଘର୍ଷ ଥିଲା ।

୧. ଚରଖା–କେବଳ ଏକ ଯନ୍ତ୍ର ନୁହେଁ: ଗାନ୍ଧିଜୀଙ୍କ ପାଇଁ ଚରଖା ଅହିଂସାର ଏକ ପ୍ରତୀକ ଥିଲା । ଏହାର ମୁଖ୍ୟ ଉଦ୍ଦେଶ୍ୟ ଥିଲା ବ୍ରିଟିଶ ବସ୍ତ୍ରକୁ ବର୍ଜନ କରି ଭାରତକୁ ଆର୍ଥିକ ଭାବେ ସ୍ୱାବଲମ୍ବୀ କରିବା । ଧନୀ–ଗରିବ, ଜାତି–ଧର୍ମ ନିର୍ବିଶେଷରେ ସମସ୍ତେ ଚରଖା ଚଳାଇବା ଦ୍ୱାରା ସମାଜରେ ଏକତା ସୃଷ୍ଟି ହୋଇଥିଲା ।

୧୯୩୧ ମସିହାରେ ଦ୍ୱିତୀୟ ଗୋଲଟେବୁଲ ବୈଠକ ପାଇଁ ଲଣ୍ଡନ ଯାଇଥିବା ସମୟରେ ଗାନ୍ଧିଜୀ ଲଙ୍କାସାୟରର ବସ୍ତ୍ର ଶିଳ୍ପାଞ୍ଚଳ ପରିଦର୍ଶନ କରିଥିଲେ । ଏହା ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଘଟଣା ଥିଲା ।

ପରିଦର୍ଶନର ମୁଖ୍ୟ ଦିଗ – ଗାନ୍ଧିଜୀଙ୍କ 'ବିଦେଶୀ ବସ୍ତ୍ର ବର୍ଜନ' ଆନ୍ଦୋଳନ ଯୋଗୁଁ ଲଙ୍କାସାୟରର ଅନେକ କଳକାରଖାନା ବନ୍ଦ ହୋଇଯାଇଥିଲା ଏବଂ ସେଠାକାର ଶ୍ରମିକମାନେ ବେକାର ହୋଇପଡ଼ିଥିଲେ । ବ୍ରିଟିଶ ସରକାର ଭାବିଥିଲେ ଯେ ଶ୍ରମିକମାନେ ଗାନ୍ଧିଜୀଙ୍କୁ ବିରୋଧ କରିବେ । କିନ୍ତୁ ଆଶ୍ଚର୍ଯ୍ୟର କଥା, ସେଠାକାର ଗରିବ ଶ୍ରମିକମାନେ ଗାନ୍ଧିଜୀଙ୍କୁ ବହୁତ ଶ୍ରଦ୍ଧାର ସହ ସ୍ୱାଗତ କରିଥିଲେ ।

ସେଠାକାର ଶ୍ରମିକଙ୍କ ଦୁଃଖ ଦେଖି ଗାନ୍ଧିଜୀ କହିଥିଲେ, 'ଆପଣମାନଙ୍କ ଦେଶରେ ୩୦ ଲକ୍ଷ ଲୋକ ବେକାର ଅଛନ୍ତି, କିନ୍ତୁ ମୋ ଦେଶରେ (ଭାରତରେ) ୩୦ କୋଟି ଲୋକ ବର୍ଷକୁ ୬ ମାସ ପାଇଁ ବେକାର ରହନ୍ତି । ଆପଣଙ୍କ ଦରିଦ୍ରତା ଆମ ଦରିଦ୍ରତା ତୁଳନାରେ କିଛି ନୁହେଁ ।

ସେ କହିଥିଲେ, ଆପଣମାନେ ହୁଏତ ଅଭାବରେ ଅଛନ୍ତି, କିନ୍ତୁ ଭାରତର କୋଟି କୋଟି ଲୋକ ଅନାହାରରେ ମରୁଛନ୍ତି । ମୁଁ ଆପଣଙ୍କୁ ଆଘାତ ଦେବାକୁ ଚାହୁଁନାହିଁ, କିନ୍ତୁ ମୋ ଦେଶର ଲୋକଙ୍କୁ ବଞ୍ଚାଇବା ମୋର ପ୍ରଥମ କର୍ତ୍ତବ୍ୟ ।'

ଗାନ୍ଧିଜୀଙ୍କ ପାଇଁ ଚରଖା କେବଳ ଏକ କାଠର ଯନ୍ତ୍ର ନଥିଲା, ଏହା ଥିଲା ଆର୍ଥିକ ସ୍ୱାଧୀନତାର ଏକ ଶକ୍ତିଶାଳୀ ଅସ୍ତ୍ର, ଆତ୍ମନିର୍ଭରଶୀଳତାର ମୂଳମନ୍ତ୍ର ।

ଭାରତର କଞ୍ଚା କପା ବ୍ରିଟେନକୁ ଯାଉଥିଲା ଏବଂ ସେଠାରୁ ମେସିନରେ ତିଆରି କପଡ଼ା ଭାରତକୁ ଆସୁଥିଲା । ଏହି ଚକ୍ରକୁ ଭାଙ୍ଗିବା ପାଇଁ ଗାନ୍ଧିଜୀ ଚରଖାକୁ ଆପଣେଇଥିଲେ । ଏହା ଅହିଂସା, ଶୋଷଣମୁକ୍ତ ଅର୍ଥନୀତିର ପ୍ରତୀକ ଥିଲା । ଯେଉଁଠାରେ ମେସିନ୍ ମଣିଷକୁ ଗୋଲାମ କରେ, ସେଠାରେ ଚରଖା ମଣିଷକୁ ସ୍ୱାଧୀନ କରେ ।

୨. ଲଙ୍କାସାୟର ପରିଦର୍ଶନ (The Visit to Lancashire, 1931) ୧୯୩୧ ମସିହାରେ ଯେତେବେଳେ ଗାନ୍ଧିଜୀ ଲଣ୍ଡନ ଗଲେ, ସେଠାକାର ଶିଳ୍ପପତିମାନେ ଭାବିଲେ ଯେ ଯଦି ଗାନ୍ଧିଜୀ ବ୍ରିଟିଶ ଶ୍ରମିକଙ୍କ ଦୁଃଖ ଦେଖିବେ, ତେବେ ସେ ହୁଏତ 'ସ୍ୱଦେଶୀ ଆନ୍ଦୋଳନ' ବନ୍ଦ କରିଦେବେ ।

ଶ୍ରମିକଙ୍କ ପ୍ରତି ସମବେଦନା: ଗାନ୍ଧିଜୀ ଲଙ୍କାସାୟରର ଶ୍ରମିକ ବସ୍ତିକୁ ଯାଇଥିଲେ । ବ୍ରିଟିଶ ଶ୍ରମିକମାନେ ଦରିଦ୍ର ଥିଲେ, କିନ୍ତୁ ଗାନ୍ଧିଜୀ ସେମାନଙ୍କୁ ବୁଝାଇଥିଲେ ଯେ ଭାରତର ଚାଷୀମାନଙ୍କ ଅବସ୍ଥା ତାଙ୍କଠାରୁ ଶହେ ଗୁଣ ଖରାପ । ସେ କହିଥିଲେ, 'ଆପଣମାନେ ହୁଏତ ଅଭାବରେ ଅଛନ୍ତି, କିନ୍ତୁ ଭାରତର କୋଟି କୋଟି ଲୋକ ଅନାହାରରେ ମରୁଛନ୍ତି । ମୁଁ ଆପଣଙ୍କୁ ଆଘାତ ଦେବାକୁ ଚାହୁଁନାହିଁ, କିନ୍ତୁ ମୋ ଦେଶର ଲୋକଙ୍କୁ ବଞ୍ଚାଇବା ମୋର ପ୍ରଥମ କର୍ତ୍ତବ୍ୟ ।' ଲଙ୍କାସାୟରର ଶ୍ରମିକମାନେ ମଧ୍ୟ ଏହା ବୁଝିପାରିଥିଲେ, ସେଥିପାଇଁ ସେମାନେ ନିଜର ଆର୍ଥିକ କ୍ଷତି ସତ୍ତ୍ୱେ ଗାନ୍ଧିଜୀଙ୍କର 'ଜୟ ଜୟକାରକରିଥିଲେ ।

ଯେଉଁ ମହାନ ବୈଜ୍ଞାନିକ ଆଇନଷ୍ଟାଇନ ଗାନ୍ଧିଜୀଙ୍କ ବାବଦରେ କହିଥିଲେ ଯେ 'ହୁଏତ ଭବିଷ୍ୟତର ପିଢ଼ି (ଲୋକେ) ବିଶ୍ୱାସ କରିବେ ନାହିଁ ଯେ କେବେ ଧରାପୃଷ୍ଠରେ ଗାନ୍ଧିଜୀଙ୍କ ଭଳି କେହିଜଣେ ବ୍ୟକ୍ତି ବିଚରଣ କରିଥିଲେ', ସେହି ଆଇନଷ୍ଟାଇନ ମହାଶୟ ଯୁଦ୍ଧ ବାବଦରେ କହିଥିଲେ 'ତୃତୀୟ ବିଶ୍ୱଯୁଧ କେଉଁ ଅସ୍ତ୍ରଶସ୍ତ୍ରରେ ଲଢାଯିବ, ତାହା ମୁଁ (ଆଇନଷ୍ଟାଇନ)କହିପାରିବି ନାହିଁ, କିନ୍ତୁ ଯଦି ଏହା ହୁଏ, ତେବେ ଚତୁର୍ଥ ବିଶ୍ୱଯୁଧ ଯେ ଟେକା ପଥରରେ ଲଢାଯିବ, ସେ ବାବଦରେ ମୁଁ (ଆଇନଷ୍ଟାଇନ) ନିଶ୍ଚିତ', ଅର୍ଥାତ 'ତୃତୀୟ ବିଶ୍ୱଯୁଦ୍ଧହେଲେ ତାହା ଆମ ସଭ୍ୟତାକୁ ପ୍ରସ୍ତରଯୁଗକୁ ନେଇଯିବ' । ବର୍ତ୍ତମାନର ପୃଥିବୀ ଯେଉଁ 'ଯୁଦ୍ଧର ଘୋର ଘନଘଟାର' ସମ୍ମୁଖୀନ, ଗାନ୍ଧିଜୀଙ୍କ ଅବର୍ତ୍ତମାନରେ ମାନବ ସମାଜର ସୁରକ୍ଷା ପାଇଁ ଆଉ କେହି ଅଛନ୍ତି କି? ଗାନ୍ଧୀଙ୍କ କୁତ୍ସାରଚନାକାରୀମାନଙ୍କ ପାଖରେ ଏହାର ଉତ୍ତର ଅଛି କି?

ମୋ. ୮୮୯୫୮୫୭୩୧୮

# ସଶକ୍ତ ହେବୁ କେତେଦିନେ?

■ଡ. ମନୋଜ କୁମାର ମହାନ୍ତି■

ଊଣେଇଶ ଶହ ଅଣଚାଶରୁ ଦୁଇ ହଜାର ଛବିଶ । ପ୍ରାୟ ସତସ୍ତରୀ ବର୍ଷ ଅତିକ୍ରାନ୍ତ ହୋଇସାରିଛି ଏ ଭାରତର ଗଣତନ୍ତ୍ରକୁ । ରାଜତନ୍ତ୍ରରୁ ପରାଧିନ କମ୍ପାନୀ ଶାସନ ଓ ଶେଷରେ ଗଣତନ୍ତ୍ର ବ୍ୟବସ୍ଥା । କିଛିଗୋଷ୍ଠୀ ଗଣତନ୍ତ୍ର ବ୍ୟବସ୍ଥାରେ ବେଶ୍ ଆତ୍ମସନ୍ତୋଷ ଅନୁଭବ କରୁଛନ୍ତି, କିନ୍ତୁ କିଛି ଏବେବି ନିଜ ନାର୍ଯ୍ୟଦାବି ଅପେକ୍ଷାରେ । ଆମ୍ବେଦକରଙ୍କ ହାତତିଆରି ସମ୍ବିଧାନ ଓ ତା'ର ଭବିଷ୍ୟତକୁ ସାଧାରଣଜନତାଙ୍କ ଉଦ୍ଦେଶ୍ୟରେ ସମର୍ପିତ କରିଥିବା ଶାସନ ବ୍ୟବସ୍ଥାକୁ ଆଜି ଯେଉଁରୂପରେ ଉପସ୍ଥାପନ କରାଯାଉଛି ତାହା ଏବେବି କିଛି ଗୋଷ୍ଠୀଙ୍କ ପାଇଁ ଅଭିମାନ, ଅହଙ୍କାର ତଥା ସ୍ୱେଚ୍ଛାଚାରିତା ପାଲଟି ଯାଇଥିବାବେଳେ ଅନ୍ୟ ଗୋଷ୍ଠୀଙ୍କ ପାଇଁ ସନ୍ଦେହ ସହ ପ୍ରଶ୍ନବାଚୀ ସୃଷ୍ଟି କରୁଛି । ସନ୍ଦେହ ସୃଷ୍ଟି ସହ ପ୍ରଶ୍ନବାଚୀ ଏକ ସ୍ୱାଭାବିକ ବିଷୟ । ସମ୍ବିଧାନ ଭଳି ଏକ ପବିତ୍ର ମନ୍ଦିରର ନୀତି ନୈତିକତାକୁ କିଛି ସ୍ୱାର୍ଥବାଦୀଗୋଷ୍ଠୀ ଦୀର୍ଘଦିନରୁ ତାର ଦୁରୋପଯୋଗ କରିଚାଲିଛନ୍ତି । ନିଜକୁ ଦଳିତ ଅବହେଳିତ ଘୃଣିତ, ନିଷ୍ପେସିତ, ନିର୍ଯ୍ୟାତିତ ସହ ଆହୁରି କେତେ କ'ଣ ଭାବପ୍ରବଣତାର ଶବ୍ଦକୁ ହତିଆର କରି ଏ ଦେଶରେ କେତେ କଣ କରୁଛନ୍ତି ତା'ର ହିସାବ ଆମ ପାଖରେ ନାହିଁ । ଅଧିକାଂଶ କ୍ଷେତ୍ରରେ ଅଧିକାରର ହେଉଛି ଦୁରୁପୋଯୋଗ । କେବଳ ସମ୍ବିଧାନିକ ମୌଳିକ ଅଧିକାରର ସମାନତାକୁ ନେଇ ଚାଲିଛି ଦଳୀୟ ରାଜନୀତି । ସ୍ୱାଧୀନତା ପାଇଁ ଲଢ଼େଇ କରିଥିବା ପ୍ରତ୍ୟେକ ବ୍ୟକ୍ତିର ଲକ୍ଷ୍ୟଥିଲା ଦେଶର ସ୍ୱତନ୍ତ୍ରତା ସହ ବ୍ୟକ୍ତିର ସ୍ୱାଧୀନତା ଓ ଅଧିକାର । ଜାତି, ବର୍ଣ୍ଣ ଓ ଲିଙ୍ଗଗତ ବୈଶମ୍ୟତାର ଉର୍ଦ୍ଧ୍ୱରେ ଦେଶର ଶାସନ ବ୍ୟବସ୍ଥା । ଦୀର୍ଘଦିନ ଧରି ଉପେକ୍ଷିତ ଅଛୁଆଁ-ଦଳିତ-ଅବହେଳିତ ଗୋଷ୍ଠୀଙ୍କୁ ସାମାଜିକ ନ୍ୟାୟ ପ୍ରଦାନ ଉଦ୍ଦେଶ୍ୟରେ ମୌଳିକ ଅଧିକାର ସହ ଦେଶର ଗଣତନ୍ତ୍ରରେ ପ୍ରତିନିଧି ଓ ଅନ୍ୟାନ୍ୟ କ୍ଷେତ୍ରରେ ସଂରକ୍ଷଣ ବ୍ୟବସ୍ଥାକୁ ଭାରତୀୟ ସମ୍ବିଧାନରେ ପ୍ରଣୟନ ଥିଲା ଆମ୍ବେଦକରଙ୍କ ପ୍ରାଥମିକ ବିଚାରଧାରା ।

ବିଶ୍ୱ ଇତିହାସରେ ସବୁକ୍ଷେତ୍ରରେ ଜାତି-ବର୍ଣ୍ଣ-ଧର୍ମ ଓ ଲିଙ୍ଗ ଆଧାରରେ ପରିଚାଳିତ ହେଉଛି ଶାସନତନ୍ତ୍ର । ଦଳିତଗୋଷ୍ଠୀର ପୃଷ୍ଠପୋଷକଭାବେ ଆମ୍ବେଦକର ନିଜର ବିଚାରଧାରାକୁ ଚରିତାର୍ଥ କରିବା ଥିଲା ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ । ପ୍ରତିଟି ଉଚ୍ଚସ୍ଥାନରେ ଅଧିଷ୍ଠିତ ତଥା ଦାୟିତ୍ୱ ତୁଲାଉଥିବା ବ୍ୟକ୍ତି ନିଜ ପାରିପାର୍ଶିକ ଅଞ୍ଚଳରେ ଅବସ୍ଥାପିତ ନିଜ ବର୍ଣ୍ଣ ଓ ଧର୍ମର ଲୋକମାନଙ୍କର ସାମାଜିକ ପରିଚୟ ସୃଷ୍ଟି କରିବା ପ୍ରତ୍ୟେକ ନେତୃତ୍ୱର ଏକ ମାନସିକ ଅବସ୍ଥା । ଜାତିଗତ ତଥା ଧର୍ମଗତ ଦୃଷ୍ଟିକୋଣରୁ ପ୍ରତ୍ୟେକ ବ୍ୟକ୍ତିର ଏକ ମାନସିକ ସ୍ୱଭାବ ନିଜ ଧର୍ମ ଓ ଜାତି ସମୁଦାୟର ଉତ୍ଥାନ । ବର୍ଣ୍ଣ ଓ ଧର୍ମର ସାମାଜିକ ବ୍ୟବସ୍ଥା ପଛରେ ମୁଖ୍ୟ କାରଣ ହେଉଛି ଅନ୍ୟକୁ ନିୟନ୍ତ୍ରଣ ଓ ଦମନ କରିବା । ବିଗତଦିନରୁ ଆଜି ପର୍ଯ୍ୟନ୍ତ ଅଧିକାଂଶ ଲଢ଼େଇ ସମାଜର ବର୍ଣ୍ଣ ଓ ଧର୍ମ ବ୍ୟବସ୍ଥାପାଇଁ । ଖଣ୍ଡବିଖଣ୍ଡିତ ଭାରତ ତଥା ବିଶ୍ୱ ପ୍ରଚ୍ଛଦ ପଟରେ ଧାର୍ମିକ ଏବଂ ବର୍ଣ୍ଣଗତ ବିଭାଜନ । ବାରଭାଇଙ୍କ ବାର ଆଖଡ଼ାରୁ ବେଳେ ବେଳେ ଅନୁଭବ ହୁଏ ଏ ଦେଶର ମୂରବୀ କିଏ? ଏ ବିଶ୍ୱର ମୂରବୀ କିଏ? ବିଶ୍ୱର କୋଣ ଅନୁକୋଣରେ ସମସ୍ତ ଦ୍ୱନ୍ଦ, ହିଂସା, ଆକ୍ରମଣ ଓ ପ୍ରତିଆକ୍ରମଣ ସହ ଜ୍ଞାତହେବା ସମ୍ଭବ ନୁହେଁ । କିନ୍ତୁ ଭାରତ ଭଳି ଦେଶରେ ଆନ୍ତରିକ ଦ୍ୱନ୍ଦ, ଲଢ଼େଇ, ହିଂସା, ପ୍ରତିବାଦ ଦିନକୁ ଦିନ ବୃଦ୍ଧି ହେବାରେ ଲାଗିଛି । ଗୋଟେପଟେ ଅନୁସୂଚିତ ଜାତି, ଜନଜାତି, ପଛୁଆ ବର୍ଗ ଓ ନାରୀଗୋଷ୍ଠୀକୁ ସୁବିଧାସୁଯୋଗ ଯୋଗାଇ ରାଜନୀତିକୁ ଆଗେଇବା ସହ ଶାସନରେ ଅଧିଷ୍ଠିତ ହେବା ମୋହରେ ଶାସକ ଦଳ ଅନ୍ଧ, ଅନ୍ୟପଟେ ସାଧାରଣ ବର୍ଗର ଅଧିକାରକୁ ଧୀରେଧୀରେ ସଙ୍କୁଚିତ କରାଯାଉଛି । ଆମ୍ବେଦକରଙ୍କ ଦଶବର୍ଷର ସଂରକ୍ଷଣକୁ ରାଜନୈତିକ ଦଳ ଦଶନ୍ଧି ପରେ ଦଶନ୍ଧି ଭୋଟ ହାତେଇବାର ଏକ ଅମୋଘ ଅସ୍ତ୍ର ରୂପେ ବ୍ୟବହାର କରିଚାଲିଛନ୍ତି । ବିଚାରା ସାଧାରଣ ବର୍ଗର ଲୋକଟିର ଭୁଲ୍ କ'ଣ? ସ୍ୱାଧୀନ ଭାରତରେ ତା' କଥା କିଏ ପଚାରୁଛି ନା ବୁଝୁଛି । ସମସ୍ତ ଯୋଗ୍ୟତା ଥାଇ ସାଧାରଣ ବର୍ଗର ଛାତ୍ରଟି ସଂରକ୍ଷଣ ରୋଗରେ ଆକ୍ରାନ୍ତ ହୋଇ ସେ ବିଜାତୀୟ ସ୍ରୋତରେ ସାମିଲ ହୋଇପାରୁନି । ଏହା ଏ ଦେଶର ଗଣତନ୍ତ୍ରର ଦୁର୍ଭାଗ୍ୟ ନା ବିଡମ୍ବନା? ଜଣକୁ ଶକ୍ତରୁ ଅଧିକ ଶସକ୍ତ କରିବାର ପ୍ରୟାସ ଓ ଅନ୍ୟକୁ ଦୁର୍ବଳରୁ ଅଧିକ ଦୁର୍ବଳ ଏହା କେଉଁ ସମ୍ବିଧାନର ନିୟମ? କେଉଁ ସ୍ୱତନ୍ତ୍ରତା ଓ ମୌଳିକ ଅଧିକାର ? ଏଭଳି ମାନସିକତାରୁ ନେତାମନ୍ତ୍ରୀ କେବେ ନିବୃତ୍ତ ରହିବେ? ଗଣତନ୍ତ୍ରରେ କାହିଁକି ଏତେ ପକ୍ଷପାତିତା? କିଛି ଗୋଷ୍ଠୀଙ୍କୁ ଯୋଗ୍ୟ କରିବା ଲକ୍ଷ୍ୟରେ ଅନ୍ୟ ଏକ ଗୋଷ୍ଠୀକୁ ଅଯୋଗ୍ୟ ଓ ଅଲୋଡ଼ା ଏହା କେଉଁ ନ୍ୟାୟରେ ଅନ୍ତର୍ଭୁକ୍ତ? ଗୋଟେପଟେ ନାରୀକୁ ନାରାୟଣୀ, ଦୁର୍ଗତୀନାସିନୀ କହି ସକଳ ଶକ୍ତିର ଆଧାର କରି ନାରୀଜାତିର ମହିମାମଣ୍ଡନ ପୁଣି ନାରୀଟିକୁ ନ୍ୟାୟଦେବା ଉଦ୍ଦେଶ୍ୟରେ ମହିଳା ସଶକ୍ତିକରଣ ସହ ମହିଳା କମିଶନ ଗଠନ । ବେଳେବେଳେ ନାରୀ ସୁରକ୍ଷା ଓ ଥଇଥାନ ଏକ ହାସ୍ୟାସ୍ପଦ କଥାଭଳି ଲାଗେ । ନିକଟରେ ବିଶ୍ୱବିଦ୍ୟାଳୟ ଅନୁଦାନ ଦ୍ୱାରା ଶିକ୍ଷାକ୍ଷେତ୍ରରେ ନିର୍ଯ୍ୟାତିତ ହେଉଥିବା ଅନୁସୂଚିତ ଜାତି, ଜନଜାତି ଓ ପଛୁଆବର୍ଗର କର୍ମରତ ବ୍ୟକ୍ତିମାନେ ଭେଦଭାବର ମାନସିକ ଯନ୍ତ୍ରଣାର ଉପଶମ ପାଇଁ ସଦନରେ ଏକ ବିଲ୍ ପାସ୍ ନିଶ୍ଚିତ ରୂପେ ଏକ ନୂଆ ରାଜନୈତିକ ପଶାଗୋଟି । ଏ ଦେଶରେ ଉନ୍ନୟନମୂଳକ ତଥା ସଂରକ୍ଷଣ ବ୍ୟବସ୍ଥା କିଛି ନିର୍ଦ୍ଦିଷ୍ଟ ଗୋଷ୍ଠୀ ମଧ୍ୟରେ ସୀମିତ ହେବାପଛରେ ଭୋଟ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଭାରତ ଭଳି ଦେଶରେ ଜାତିଗତ ସମୀକରଣରେ ଶାସକଗୋଷ୍ଠୀ ସର୍ବଦା ଚେଷ୍ଟିତ । ମାତ୍ରାଧିକ ଭୋଟ ହାତେଇବା ଗଣିତରେ ଜାତିଗତ ସମୀକରଣର ଏକ ଦୀର୍ଘସ୍ଥାୟୀ ବ୍ୟବସ୍ଥା । ବ୍ୟକ୍ତିର ସ୍ୱାଧୀନତା, ଅଧିକାର, ସମାନତା ଓ ନ୍ୟାୟ ଜାତି ଆଧାରରେ ନିର୍ଦ୍ଧାରିତ ଏହା ବିଗତଦିନରୁ ସ୍ପଷ୍ଟ । ଯଦି ସଂଖ୍ୟାଗତ ଜାତି ଆଧାରରେ ସଂରକ୍ଷଣକୁ ପ୍ରୋତ୍ସାହନ ସହ ଥଇଥାନ କରାଯାଏ ତେବେ ଏ ରାତିଆଉ ପାହିବନି କାରଣ ଥରେ ମୁହଁରେ ମହୁବେସର ସ୍ୱାଦ ଲାଗିଲେ ତାହା ଏତେ ସହଜରେ ଦୂରେଇ ହେବନି । ସଶକ୍ତି କାହାକୁ କରିବା ଦୁର୍ବଳକୁ ନା ସବଳକୁ । ସଂରକ୍ଷଣ ଆଧାରରେ ଭିନ୍ନଭିନ୍ନ କ୍ଷେତ୍ରରେ ନିଯୁକ୍ତ ବ୍ୟକ୍ତିଟି ଏବେ ଦୁର୍ବଳ ନା ସବଳ? ନିଶ୍ଚିତଭାବେ ସବଳ ଏଥିରେ ଦ୍ୱିମତ ନାହିଁ । ଯେଉଁ ଦୁର୍ବଳତାର ପ୍ରତିକାରପାଇଁ ସଂରକ୍ଷଣ, ତାର କ'ଣ ଏପର୍ଯ୍ୟନ୍ତ କୌଣସି ସୁଫଳ ମିଳିନାହିଁକି? ସାମାଜିକ ଓ ଆର୍ଥିକ ସଶକ୍ତସତ୍ତ୍ୱେ ପୁନଶ୍ଚ ନିଜକୁ ଦୁର୍ବଳ ଅନୁଭବ କରିବା ନିହାତି ହାସ୍ୟାସ୍ପଦ । କାହାକୁ କହିବା କିଏ ଶୁଣିବ? ଶୁଣିବା ଲୋକଟି ଶୁଣି ମଧ୍ୟ ନଶୁଣିଲା ପରି । ଖଣ୍ଡେ ଭୋଟ ଓ ଗଦୀ ମାଡ଼ିବସି ରାଜୁତି କରୁଥିବା ଲୋକଗୁଡ଼ାକ ପାଇଁ ସଂରକ୍ଷଣ ଏକ ପ୍ରମୁଖ ଅସ୍ତ୍ର ଯାହାର କୌଣସି ବିକଳ୍ପ ନାହିଁ । ସଶକ୍ତ ନାମରେ ରାଜନୀତି କରିକରି ନେତାମନ୍ତ୍ରୀଗୁଡ଼ାକ ଅଧିକ ସଶକ୍ତ ହୋଇଗଲେଣି କିନ୍ତୁ ସଶକ୍ତ ଉହାଡରେ ସାଧାରଣବର୍ଗଙ୍କୁ ଅବହେଳିତ ଓ ଦୁର୍ବଳ କରୁନାହାନ୍ତି ତ?

ମୋ. ୮୮୯୫୩୪୧୦୩୩

# ବିଜୟ ଭୂମିରେ ଅଧିକ ସମୟ ରହିବା ଠିକ ନୁହେଁ

ଉତ୍କଳାନନ୍ଦ ଅଜୟ କୁମାର ବେହେରା

ଏହା ଥରେ ନୁହେଁ ଅନେକ ଥର ପରୀକ୍ଷା ହେଲା ପରେ ଏହାକୁ ଜ୍ଞାନୀଗୁଣୀମାନେ କହିଛନ୍ତି। ଯେଉଁ ସ୍ଥଳରେ ହେଉ ମାମଲା ହେଉ, ଯୁଦ୍ଧ ହେଉ, ରାଜ ହେଉ ଏହା ଏକାପରି ସ୍ଥିତି। ମୁକୁଟ, ପଦର ଲୋଭ ସମସ୍ତଙ୍କର ଆସେ, ଯଦି ପାଇଗଲେ ଆସେ ପରବର୍ତ୍ତୀ ଲୋଭ ଅଧିକ ଦିନ କେମିତି ସେହି ଆସନରେ କିପରି ରହିବାକୁ ହେବ । ଏପାଇଁ ଖଳବୁଦ୍ଧିମାନ ମନକୁ ଆସେ । ପ୍ରଥମ ପଦବୀକୁ ଆସିଲାବେଳେ ଯେ ଶାସନରେ ଥିଲେ ତାଙ୍କର ଛିଦ୍ର ସବୁ ଲୋକଙ୍କ ଆଗରେ ବୟାନ କରି ଅନେକ ହୃଦୟ ଜିଣି ପାରି ଭୋଟ ପାଇ ଆସି ଯିବେ । ମାତ୍ର ଏମିତି ସମସ୍ୟାରେ ନିଜେ ବହୁଦିନ ରାଜ କଲେ ବା ପଦବୀରେ ରହିଲେ ନିଜେ ସେହିପରି ସ୍ଥିତିରେ ପଡ଼ିବେ । ବ୍ରହ୍ମା ସ୍ରଷ୍ଟା ଦେବତା ସେ ଧ୍ୱଂସର ଦେବତା ନୁହଁନ୍ତି, ଯେଉଁ ଶାସନ ଅଧିକାରୀ ଯାହା ଯୋଜନା କରି ସୃଷ୍ଟି କରିଥାନ୍ତି ତାକୁ ସେ ପୁଣି ନିଜେ ଧ୍ୱଂସ କଲେ ଜନ ମତ କେବେ ସେହି ଅଧିକାରୀଙ୍କ ସପକ୍ଷରେ ଯାଏ ନାହିଁ। ଓଲଟି ଲୋକେ ତାଙ୍କ ବିଦ୍ରୋହୀ ହୁଅନ୍ତି, ରାଜ୍ୟ ବା ଦେଶ ଦେବାଳିଆ ହତଲକ୍ଷ୍ମୀ ହୋଇଥାଏ। ଅର୍ଜିତ ସୁନାମ ଅଧିକ ଦିନ ପଦବୀରେ ରହିବା ଲୋକଙ୍କ ରହେନାହିଁ। ଏପରିକି ମହାପ୍ରତାପୀ ବି ବେଶିଦିନ କଦାପି ରହି ପାରିବେ ନାହିଁ। ପ୍ରତ୍ୟେକ ସ୍ତରରେ ଏହା ବ୍ୟବହାର ହୋଇ ଆସୁଛି ।

ମୋଗଲ ବାଦଶାହଙ୍କ ପ୍ରତାପ ରହିନାହିଁ। ବ୍ରିଟିଶ ରାଜ ଭାରତରେ ରହିନାହିଁ, ଦେଶ ସ୍ୱାଧୀନରେ ଯେଉଁ କଂଗ୍ରେସ ଏତେ ଲୋକ ଗ୍ରାହ୍ୟ ଥିଲା ତହିଁରୁ ଭିନ୍ନ ମତ ହୋଇ ହୋଇ ଜନତାଙ୍କ ଦୃଢ଼ ବିଶ୍ୱାସରୁ ଦୂରେଇ ଯାଉଛି। ଦେଶର କଂଗ୍ରେସର ରାଜ ନାହିଁ, ଜ୍ୟୋତିବସୁଙ୍କ କମ୍ୟୁନିଷ୍ଟ ପ୍ରଶାସନ ରାଜଲୋକପ୍ରିୟ କଂଗ୍ରେସ ପ୍ରଶାସନକୁ ଇତି କରି ଆସିଥିଲା କିନ୍ତୁ ତାହାକୁ ସେହି ରାଜ୍ୟ ଲୋକ ହଟାଇ ତୃଣମୂଳର ମା', ମାଟି, ମାନୁଷର ଆୱାଜ ଦେଉଥିବା ପ୍ରଶାସନକୁ ଆସୀନ କରିଥିଲେ। ପୁଣି କ'ଣ ହେଲା ଭିନ୍ନ ସ୍ୱର ଉଠୁଛି କାହିଁକି? ଅନେକ ସମୟରେ କୁଣିଆଁଙ୍କୁ କାନ୍ଥ ଭରା ଲାଗିବା ପରି ଗତାନୁଗତ ସ୍ଥିତିରେ ନୂଆ ଉପଗତମାନେ ରଙ୍ଗ ଦେଇ କଥାକୁ ଲୋକଙ୍କ ମନମୋହିବାକୁ ପୁରା ଚେଷ୍ଟାର ଦମ ଲଗାନ୍ତି ଲୋକଙ୍କର କର ପଇସା ସୀମିତରେ ଧୀରେ ଧୀରେ ପ୍ରଗତି ନକରି ବହୁ ମହାଜନ ଠାରୁ କରଜ ଆଣି ବାହାବା ଦେଖାଇବା କାମ କରିଚାଲିଲେ। ଯେଉଁ କରଜ ଧନ ସମୂଳ ସୁଧ ସହ ଫେରାଇବାକୁ ପଡ଼େ ଆଉ ତାର ଚୁକ୍ତି ସମୟ ଖିଲାପ ଇ–ମୁକାବିଲା କିଏ କରେ କ'ଣ କେତେ ତଣ୍ଡ ଦେବାକୁ ପଡି ପରେ ଦଣ୍ଡ ଭୋଗ ହୋଇାପରେ। ଏ ହେଜ ପର ଧନ ଗୁଡ଼ମୁଆଁ ଚିନ୍ତନ ଆଉ ମୋଗଲ ତାମସା ପରି ଖର୍ଚ୍ଚ ଉପଭୋଗ କରିଯିବା ଦେଶ ରାଜ୍ୟ ଲୋକଙ୍କୁ ଅଥଳ ସମୁଦ୍ରକୁ ଠେଲି ଦେଇଯିବା ପରିସ୍ଥିତି କରିଦେବା ହେଉଛି। ଲୋକ କଥା ଅଛି ବଡ଼ ଶିଳ୍ପପତିଙ୍କ ପରିବାରରେ ଯଦି ନାରୀମାନେ ଗର୍ଭବତୀ ହେବା ଜଣାପଡ଼େ ତେବେ ଭୃଣ ସାକାର ଅଭିବୃଦ୍ଧି ହୋଇ ସଂସାରକୁ ଆସିବାମାତ୍ରେ ତାର ନାମରେ ଏକ ଶିଳ୍ପ କାରଖାନା, ସେମିତି ଏ ଦେଶରେ ପିଲା ଜନ୍ମମାନେ ତା ମୁଣ୍ଡରେ ଋଣ ଭାର ବଢ଼ିବାରେ ଲାଗୁଛି, କୌଣସି ନେତା ଦେଶକୁ କିପରି ଋଣ ଆଉ ନକରି, ପୂର୍ବ ଋଣଙ୍କୁ ବାରମ୍ବାର ଶୋଧ କରି ଦେଶକୁ ଆଦାୟ ରାଜକରରେ କିପରି ସ୍ୱୟଂ କ୍ରିୟ କରାଯାଇପାରିବ ଏ ଭାବନା ଆସୁନାହିଁ। କନ୍ୟା ବିବାହରେ ଅଳଙ୍କାର ସୁନା, ଆବଶ୍ୟକ ବରଘର କନ୍ୟାକୁ, କନ୍ୟାଘର ବରକୁ ସକ୍ଷମ ଅନୁସାରେ ଅଳଙ୍କରଣ କରିବା ରହିଆସିଛି। ଏ ସମୟରେ ସୁନା ଯେଉଁ ମୂଲ୍ୟ ଏଥିରେ କେବଳ ଧନୀ ପରିବାର ପାଇଁ ବିବାହ ପାଇଁ ମନ ଦେବେ, କାହାରି ଆୟ ବିବର୍ଦ୍ଧନର ହାର ବଢୁନାହିଁ ହେଲେ ପ୍ରଶାସନରେ ରହିବା ଲୋକଙ୍କ ଦରମାର ଅଭିବୃଦ୍ଧି ହୋଇଚାଲିଛି, ଚୋରୀ ରାହାଯାନୀ ସାଇବର ଠକେଇ ଯେଉଁ ହାରରେ ବଢୁଛି ଏହା ଆଗକୁ ଆହୁରି ବଢ଼ିବା। କି ଦରକାର ଅଛି ମନ୍ଦିର ମସଜିଦ ଅଧିକ ନିର୍ମାଣ କରିବା, ଦର୍ଶକ ବଣିକ ବଢୁଛନ୍ତି ନା ଭକ୍ତ ବଢୁଛନ୍ତତି? ହରିବୋଲ ହୁଳହୁଳିରେ ଉଛୁଳୁଛି କିନ୍ତୁ ଭୋଗ କାହିଁ? ସବୁବେଳେ ଅତିରୁ ଇତି ଆସେ ବର୍ତ୍ତମାନର ଜୀବନ ଧାରା ଇତି ଆଡ଼କୁ ଦୌଡୁଛିକି?

ମୋ. ୯୪୩୭୦୩୧୨୫୩

